ପିଲାଙ୍କ ଧରିତ୍ରୀ
ଶନିବାର, ୨ ଅଗଷ୍ଟ, ୨୦୨୫



## ଖିଲି ଖିଲି ହସ

ତିନିଜଣ ସାଙ୍ଗ ଜାମୁକୋଳି ତୋଳିବାକୁ ଗଲେ। ଗଛରେ ଚଢ଼ିଲେ ଦୁଇଜଣ ସାଙ୍ଗ। ଆଉ ଜଣେ ତଳେ ରହି ଜାମୁ କୋଳି ଗୋଟାଉଥିଲା। ତଳେ ଥିବା ସାଙ୍ଗଟି କହିଲା– ଆରେ ଶୁଣ ଗଛରେ ଯେଉଁଟା ବେଶି କଳା ଦେଖାଯାଉଛି ସେଇଟାକୁ ଆଗ ତଳକୁ ପକାଇବ। ଏହା ଶୁଣି ପିଣ୍ଟୁ କହିଲା– ମୋ ସାଙ୍ଗରେ ରଘୁ ଆସିଛି ସେ ତ ବହୁତ କଳା, ତାକୁ ଗୋଟେ ଗୋଇଠା ମାରିଲା ସେ ଯାଇ ତଳେ ପଡିଲା। ତଳେ ଥିବା ରାଜୁ କହିଲା–ଆରେ ପିଣ୍ଟୁ, ରଘୁକୁ କାହିଁକି ଗୋଇଠା ମାରିଲୁ ସେ ତଳେ ପଡିଲା। ପିଣ୍ଟୁ: ଆରେ ତୁ ବା କହିଲୁ ଯେଉଁଟା ବେଶି କଳା ଦେଖାଯାଉଥିବ, ତାକୁ ପ୍ରଥମେ ତଳେ ପକାଇବୁ !

ଜଣେ ଯାତ୍ରୀ ଟ୍ରେନରୁ ଓହ୍ଲାଇ ପିଙ୍କୁକୁ ପଚାରିଲେ –ପୁଅରେ କହିଲୁ ଇଏ କେଉଁ ଷ୍ଟେସନ୍।
ଏକଥା ଶୁଣି ପିଙ୍କୁ ଜୋର୍ ଜୋର୍‌ରେ ହସିବାକୁ ଲାଗିଲା।
ଯାତ୍ରୀ ଜଣକ ଆଉଥରେ ପଚାରିଲେ – ଏ କେଉଁ ଷ୍ଟେସନ୍ ପୁଅ ?
ପିଙ୍କୁ: ଇଏ ପରା ରେଲୱେ ଷ୍ଟେସନ୍, କେତେ ଥର ମୋତେ ପଚାରୁଛ ଏଇଟା କ'ଣ ତୁମେ ଜାଣି ପାରୁନ !

## ଚେଷ୍ଟା

ଥରେ ଏକ ଶକ୍ତିଶାଳୀ ରାଜ୍ୟ ଗୋଟିଏ ଛୋଟ ରାଜ୍ୟକୁ ଯୁଦ୍ଧ ପାଇଁ ଡାକରା ଦେଲା। ଛୋଟ ରାଜ୍ୟର ରାଜା ନିଜ ସେନାପତିଙ୍କୁ ତାଙ୍କର ମତାମତ ଜଣାଇବାକୁ କହିଲେ। ସେନାପତି ରାଜାଙ୍କୁ ବୁଝାଇଲେ ଏତେବଡ଼ ଶକ୍ତିଶାଳୀ ରାଜ୍ୟ ସହିତ ଲଢ଼ିବା ମୂର୍ଖତା ହେବ। ସେଥିପାଇଁ ରାଜାଙ୍କ ପାଖରେ ଶେଷ ରାସ୍ତା ହେଉଛି ଯେ ସେ ସେହି ଶକ୍ତିଶାଳୀ ରାଜ୍ୟ ପାଖରେ ବିନା ଯୁଦ୍ଧରେ ପରାଜୟ ସ୍ୱୀକାର କରି ଆତ୍ମସମର୍ପଣ କରିଦିଅନ୍ତୁ।

ସେନାପତିଙ୍କର କଥା ରାଜାଙ୍କୁ ପସନ୍ଦ ଆସିଲା ନାହିଁ। ତା'ପରେ ରାଜା ନିଜର ଗୁରୁଙ୍କ ପାଖକୁ ଗଲେ ଓ ତାଙ୍କୁ ଉଚିତ ପରାମର୍ଶ ମାଗିଲେ। ଗୁରୁଙ୍କୁ ସେନାପତି ଦେଇଥିବା ଆତ୍ମସମର୍ପଣର ପରାମର୍ଶ ପସନ୍ଦ ଆସିଲା ନାହିଁ।

ସେ ରାଜାଙ୍କୁ ସେହି ସେନାପତିଙ୍କୁ ଜେଲ ପଠାଇ ନିଜେ ସେନାପତି ହେବାପାଇଁ କହିଲେ। ରାଜାଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ରାଜା ଗୁରୁଙ୍କର କଥାରେ ରାଜି ହୋଇଗଲେ। ରାଜା ଓ ତାଙ୍କ ଗୁରୁ ଉଭୟ ସେ ଶକ୍ତିଶାଳୀ ରାଜ୍ୟ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ। ସେମାନେ ଯୁଦ୍ଧକ୍ଷେତ୍ରକୁ ଯିବା ରାସ୍ତାରେ ଗୋଟିଏ ମନ୍ଦିର ଆସିଲା। ଗୁରୁ ସେଠାରେ ସେନାକୁ ଅଟକାଇ ଭଗବାନଙ୍କ ପାଖରୁ ବିଜୟ ପାଇଁ ଆଶୀର୍ବାଦ ମାଗିବାକୁ ଗଲେ। ସେ ଫେରି ଆସିବା ପରେ ସେନାଦଳ ତାଙ୍କୁ ଭଗବାନ କ'ଣ କହିଲେ ବୋଲି ପ୍ରଶ୍ନ କଲେ।

ଗୁରୁ ସେମାନଙ୍କୁ କହିଲେ, ''ଭଗବାନ କହିଛନ୍ତି ଯଦି ସନ୍ଧ୍ୟା ସମୟରେ ଏହି ମନ୍ଦିରରୁ ଆଲୋକ ବାହାରିବ ତେବେ ଆମେ ନିଶ୍ଚୟ ଜିତିବା।'' ତା'ପରେ ସମସ୍ତେ ଯୁଦ୍ଧକ୍ଷେତ୍ରକୁ ଗଲେ। ନିଜ ଶକ୍ତି ମୁତାବକ ସେନାଦଳ ଶକ୍ତିଶାଳୀ ରାଜ୍ୟର ସେନାଙ୍କ ସହ ଯୁଦ୍ଧ କଲେ।



### ଗପ

ଭୀଷଣ ଯୁଦ୍ଧ ଚାଲିଲା। ସନ୍ଧ୍ୟା ହୋଇଆସିଲା ଓ ସୈନ୍ୟଦଳ ଦେଖିଲେ ମନ୍ଦିରରେ ଉଜ୍ଜ୍ୱଳ ଆଲୋକ ଜଳୁଛି। ସେମାନଙ୍କର ମନୋବଳ ବଢ଼ିଗଲା। ସେମାନେ ଉତ୍ସାହିତ ହୋଇ ବିଜୟୀ ହେବା ପାଇଁ ଆହୁରି ଶକ୍ତି ପ୍ରୟୋଗ କରି ଶକ୍ତିଶାଳୀ ରାଜ୍ୟର ସୈନ୍ୟ ଉପରେ ଆକ୍ରମଣ କଲେ। ଶେଷରେ ଛୋଟ ରାଜ୍ୟର ସୈନ୍ୟଦଳର ଚେଷ୍ଟା ସଫଳ ହେଲା ଓ ସେମାନେ ବିଜୟୀ ହେଲେ।

ଖୁସିରେ ବିଜୟୀ ହୋଇ ଫେରିବା ରାସ୍ତାରେ ସୈନ୍ୟଦଳ ଗୁରୁଙ୍କୁ କହିଲେ ପୁଣି ଥରେ ଯାଇ ଭଗବାନଙ୍କୁ ଧନ୍ୟବାଦ ଦେଇ ଆସିବା ପାଇଁ। ମାତ୍ର ଗୁରୁ ମନା କରିଦେଲେ ଓ ତା'ର କିଛି ଆବଶ୍ୟକତା ନ ଥିବା କହିଲେ। ଗୁରୁଙ୍କ କଥା ଶୁଣି ସୈନ୍ୟଦଳ ଆଶ୍ଚର୍ଯ୍ୟ ହେଲେ। ତା'ପରେ ଗୁରୁ ସେମାନଙ୍କର ସନ୍ଦେହ ଦୂର କରିବା ପାଇଁ କହିଲେ ଯେ ''ମୁଁ ନିଜେ ହିଁ ଯିବା ପୂର୍ବରୁ ସେ ମନ୍ଦିରରେ ଦୀପ ଜଳାଇଥିଲି। ଫଳରେ ସନ୍ଧ୍ୟା ହେବା ପରେ ତା'ର ଆଲୋକରେ ମନ୍ଦିର ଆଲୋକିତ ହୋଇଥିଲା। ବିନା ଚେଷ୍ଟାରେ ହାରିବା ଅପେକ୍ଷା ଚେଷ୍ଟା କରିବା ଭଲ। ସେଥିପାଇଁ ଏବେ ଆମେ ଏତେ ବଡ଼ ଶକ୍ତିଶାଳୀ ରାଜ୍ୟକୁ ମଧ୍ୟ ହରାଇ ପାରିଲେ।''

**– ସମ୍ବେଦନା ମିଶ୍ର**
ସମ୍ବିତ ଭିଲା, ଘାଟିକିଆ, ଭୁବନେଶ୍ୱର
ମୋ: ୯୯୩୭୭୨୩୫୭୯

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ବାରମ୍ବାର ଥଣ୍ଡା

କୌଣସି ସ୍ୱଷ୍ଟ କାରଣ ନ ଥାଇ ବାରମ୍ବାର ଥଣ୍ଡା, ଶର୍ଦ୍ଦି, କାଶ, ଛିଙ୍କ ଆଦି ହେବା ଫଳରେ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଅନେକେ ଭାବନ୍ତି କି ପାଣିପାଗ ବଦଳିବାରୁ ଏପରି ହେଉଛି। ହେଲେ ଏସବୁର କାରଣ ଅନ୍ୟ କିଛି ବି ହୋଇପାରେ।

ପ୍ରଥମ କଥା ହେଉଛି ଇମ୍ୟୁନିଟି କମ୍ ଥିବା ଲୋକଙ୍କୁ ହିଁ ବାରମ୍ବାର ଥଣ୍ଡା ହୋଇଥାଏ। ଆଉ ଇମ୍ୟୁନିଟି କମ୍ ହେବାର ମୁଖ୍ୟ କାରଣ ହେଉଛି ଶରୀରରେ ପୋଷଣର ଅଭାବ। ମୁଖ୍ୟତଃ ଭିଟାମିନ୍ ସି, ଭିଟାମିନ୍ ଡି ଓ ଜିଙ୍କ ଅଭାବ ଥିଲେ ବି ଏପରି ହୋଇଥାଏ। ସେହିପରି ଲଗାତର କମ୍ ନିଦ ହେଉଥିଲେ ବି ରୋଗ ପ୍ରତିରୋଧକ ଶକ୍ତି କମ୍ ହେବା ସହିତ ବାରମ୍ବାର ଥଣ୍ଡା ହୋଇଥାଏ।

ଲଗାତର ଚାପରେ ରହୁଥିଲେ ଷ୍ଟ୍ରେସ ହର୍ମୋନର ସ୍ତର ବଢି ଯାଇଥାଏ। ଫଳରେ



ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଯାଏ। ଏସବୁ କାରଣ ବ୍ୟତୀତ ଭାଇରସ୍‌ର ସମ୍ପର୍କରେ ଆସିଲେ ଥଣ୍ଡା ହୋଇଥାଏ। ଅଧିକ ସମୟ ଗହଳି ସ୍ଥାନରେ ରହିବା ଓ ବାହାରେ ଅପରିଷ୍କାର ସ୍ଥାନରେ ରହିବା ଫଳରେ ଭାଇରସ୍ ଶରୀର ଭିତରକୁ ପ୍ରବେଶ କରିଥାଏ। ତେଣୁ ଏସବୁ କାରଣକୁ ଦୂର କରିପାରିଲେ ହିଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ଓ ଥଣ୍ଡା ସମସ୍ୟା ରହିବ ନାହିଁ। ତେଣୁ ସର୍ବପ୍ରଥମେ ପୋଷଣଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ସୁସ୍ଥ ଜୀବନଶୈଳୀ ଆପଣାନ୍ତୁ। ଏହା ସହିତ ପରିଷ୍କାର ପରିଚ୍ଛନ୍ନ ରୁହନ୍ତୁ ଓ ଭାଇରସ୍ ମୁଖ୍ୟତଃ ହାତ ମାଧ୍ୟମରେ ଆସିଥାଏ। ତେଣୁ ହାତକୁ ସଫା ରଖନ୍ତୁ।

### ତୁମ ପଢ଼ିବା ପାଇଁ

## ମୋ ଆଶା




ଏଥର ପିଲାଙ୍କ ଲାଗି ତ୍ରୟ ମାସିକ ଶିଶୁ–କିଶୋର ପତ୍ରିକା 'ମୋ ଆଶା'ର ଜୁଲାଇ–ସେପ୍ଟେମ୍ବର ସଂଖ୍ୟାରେ ରହିଛି କାଞ୍ଚି ଅଭିଜାନ, ରଘୁ ଯାଇଥିଲା ଯାତକୁ, ଭକ୍ତ ଝୋଲିଆ କବୀର, ବୋହୁ, ଆସ ଅଲାର ଖାଅ ଖିରି , ଯଦୁମଣି ବାଛିଲେ ରାଜାଙ୍କ ଦୋଷ , କାମ କରିଯିବା ମିଶି ପରି ରହିଛି କେତୋଟି ଗଳ୍ପ ଓ କବିତା । ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା।

ଯୋଗାଯୋଗ– ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର,ନିମାପଡା,ପୁରୀ।

## ମତାମତ

▶▶ ପ୍ରଜାପତି, ଭଅଁର ଓ ମହୁମାଛି ଗଳ୍ପଟି ବହୁତ ଶିକ୍ଷଣୀୟ ହୋଇଛି।

**–ତୁଷାର ରାଉତ, ବାଲିକୁଦା, ଜଗତ୍‌ସିଂହପୁର**

▶▶ 'କିପରି ହେବେ ସଚେତନ' ବିଷୟରୁ ପିଲାମାନେ କିପରି ସବୁ ବିଷୟରେ ସଚେତନ ରହିବେ ସେ ସମ୍ପର୍କରେ ଜାଣିହେଲା।

**–ଶାନ୍ତିରାଣୀ ଦଳାଇ, କେନ୍ଦ୍ରାପଡ଼ା**

▶▶ ଗିନିଜ୍ ୱାଲର୍ଡ ରେକର୍ଡ ସ୍ଥାନୀତ ହୋଇଥିବା ମହିଳା କିପରି ନିଜ କେଶକୁ କ୍ରିସ୍‌ମସ୍ ଟ୍ରି ପରି ସଜ୍ଜିତ କରିଥିଲେ ସେ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ହେଲି।

**–ରଜତ୍ କୁମାର ପାଣି, ନୟାଗଡ଼**

▶▶ ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ ପବନ ବେଗରେ ଚାଲିବ ଟ୍ରେନ୍ ଏବଂ ରାଜଧାନୀ ନଥିବା ଦେଶ ସମ୍ପର୍କରେ ଅଧିକ ଜାଣିବାକୁ ପାଇଲି।

**–ରତନ୍ କୁମାର ସ୍ୱାଇଁ , ବାଲେଶ୍ୱର**

# ପ୍ରତିଯୋଗିତା

ସିଲାବସ୍ ଅନୁସାରେ ସ୍କୁଲରେ ପରୀକ୍ଷା ଦେବା ସହିତ ପିଲାମାନଙ୍କୁ ବିଭିନ୍ନ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼େ। କୁଇଜ୍ ହେଉ କି ସାଇନ୍ସ ଅବା ଆର୍ଟ ଏମିତି ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ସେମାନେ ଭାଗ ନିଅନ୍ତି। ଏଥିପାଇଁ କିଭଳି ନିଜକୁ ପ୍ରସ୍ତୁତ କରିବେ ଜାଣନ୍ତୁ।







ଭଲ କ୍ୟାରିୟର ନିମନ୍ତେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଭାଗ ନେବାକୁ ହୋଇଥାଏ। ଏଭଳି ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ଭିନ୍ନ ଭିନ୍ନ କ୍ଷେତ୍ରରେ ସଫଳତା ନିମନ୍ତେ ଏକ ମାର୍ଗ ମିଳିଥାଏ। ଭବିଷ୍ୟତରେ ବିଭିନ୍ନ କମ୍ପିଟେଟିଭ୍ ପରୀକ୍ଷା ନିମନ୍ତେ ଭୟ ରହି ନ ଥାଏ। ଏଥିପାଇଁ ସ୍କୁଲ ସ୍ତରରେ ବିଭିନ୍ନ ପରୀକ୍ଷା ଆୟୋଜନ କରାଯାଇଥାଏ। ଛାତ୍ରୀଛାତ୍ରଙ୍କ ପାଇଁ ଏସବୁ ଯଦିଓ ବାଧ୍ୟତାମୂଳକ କରାଯାଇ ନ ଥାଏ, କିନ୍ତୁ ଏହାର ଗୁରୁତ୍ୱ ଢେର୍ ଅଧିକ ରହିଥାଏ। ତେଣୁ ଏଥିରେ ଭାଗ ନେବା ପାଇଁ ନିଜକୁ କିଭଳି ମୋଟିଭେଟ କରିବାକୁ ହେବ ସେନେଇ ପ୍ରସ୍ତୁତି କରିବା ଦରକାର।

## ପ୍ରଥମେ ସିଲାବସ୍

ପିଲାଙ୍କୁ ସର୍ବପ୍ରଥମେ ନିଜ ପଢ଼ାବହିକୁ ଭଲଭାବେ ଜାଣିବାକୁ ହେବ। କାରଣ ପ୍ରତ୍ୟେକ ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇଥାଏ। ଏହାପରେ ପ୍ରତିଯୋଗିତାର ବିଷୟ ସବୁକୁ ଜାଣନ୍ତୁ। କେଉଁ ବିଷୟରୁ କିଭଳି ପ୍ରଶ୍ନ ଆସିପାରେ ସେନେଇ ଜାଣିଲେ ହିଁ ସେହି ଅନୁସାରେ ପ୍ରସ୍ତୁତି କରିପାରିବେ। ସଂକ୍ଷିପ୍ତରେ ଉତ୍ତର ଲେଖିବେ କିମ୍ବା ବ୍ୟାଖ୍ୟା କରିବାକୁ ହେବ ଏସବୁ ନେଇ ଆଗୁଆ ଜାଣିବାକୁ ଚେଷ୍ଟା କରନ୍ତୁ। ପରୀକ୍ଷାରେ ନେଗେଟିଭ୍ ମାର୍କିଂ ଅଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ଜାଣିବା ଦରକାର।

## ମୋଟିଭେଶନ

ସବୁ କାମ ପାଇଁ ମୋଟିଭେଶନ୍ ତ ନିହାତି ଦରକାର। ଏହି ଆଧାରରେ କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରଥମେ ନିଜକୁ ମୋଟିଭେଟ୍ କରିବାକୁ ହେବ। ଏଥିପାଇଁ ନିଜ ଭିତରୁ ଏକ ପ୍ରେରଣା ସୃଷ୍ଟି ହେବା ଦରକାର। ନଚେତ୍ ପରୀକ୍ଷା ପ୍ରସ୍ତୁତିରେ ସଫଳତା ମିଳିବା ସହଜ ହେବ ନାହିଁ। ଅବଶ୍ୟ ମୋଟିଭେଶନ୍ ସୃଷ୍ଟି ହେବାର ଅନେକ କାରଣ ହୋଇପାରେ। ତେଣୁ ସେଭଳି ପରିବେଶ ସୃଷ୍ଟି କରନ୍ତୁ। ଏସବୁ ପରୀକ୍ଷା ଦେବା ଫଳରେ ଭବିଷ୍ୟତରେ କିଭଳି ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଓ ଅନ୍ୟ ସବୁ ପ୍ରକାରର ପରୀକ୍ଷା ଦେବାକୁ ଭୟ ରହିବ ନାହିଁ। ଏନେଇ ଅନ୍ୟ ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଖନ୍ତୁ।

## ପଢ଼ିବା ବଦଳରେ ବୁଝିବା

ବେଳେବେଳେ ପିଲାମାନେ ବଡ଼ପାଟିରେ କୌଣସି ବିଷୟକୁ ବାରମ୍ବାର ପଢିବା ପରେ ପ୍ରସ୍ତୁତି ହେଇଗଲା ବୋଲି ଭାବନ୍ତି। କିନ୍ତୁ ଏଭଳି ବଡ଼ ପାଟିରେ ପଢିବା ସହ ପାଠକୁ ବୁଝିବା ଦରକାର। ପାଠକୁ ବୁଝିଥିଲେ ପରୀକ୍ଷାରେ ଯେକୌଣସି ପ୍ରକାରର ପ୍ରଶ୍ନ ଆସିଲେ ବି ଉତ୍ତର ଦେବାକୁ ସକ୍ଷମ ହୋଇପାରିବେ। ତେଣୁ ପଢିବା ସମୟରେ ବୁଝିବା ଦରକାର ଆଉ ଯେଉଁ ସ୍ଥାନରେ ବୁଝିପାରିବେ ନାହିଁ ସେତେବେଳେ ସଙ୍ଗେ ସଙ୍ଗେ ପଚାରି ବୁଝିନେବା ଦରକାର। ପାଠକୁ ଭଲଭାବେ ବୁଝିପାରିଲେ ହିଁ ସବୁ ପ୍ରକାରର ପ୍ରଶ୍ନ ସହଜ ଲାଗିବ।

## ପ୍ଲାନ୍ କରନ୍ତୁ

କଣ ପଢିବେ ଓ କେମିତି ପଢିବେ ଜାଣିବା ପରେ ଏକ ନିର୍ଦ୍ଦିଷ୍ଟ ପ୍ଲାନ୍ କରନ୍ତୁ। ସ୍କୁଲ ଟିଉସନ୍ ସବୁ ପରେ କିଭଳି କେଉଁ ସମୟରେ ପଢିବେ ସେନେଇ ସମୟ ସ୍ଥିର କରନ୍ତୁ। ପ୍ରତିଦିନ କେତିକି ପଢିପାରିବେ ସେନେଇ ଏକ ଟାର୍ଗେଟ ରଖନ୍ତୁ। ସିଲାବସ୍‌କୁ ଛୋଟ ଛୋଟ ଭାଗରେ ବାଣ୍ଟି କିଭଳି ସହଜରେ ପଢିପାରିବେ ତାହା ଶିଖନ୍ତୁ। ଏହା ସହିତ ପଢିବା ପାଇଁ ଏକ ପରିବେଶ ମଧ୍ୟ ଦରକାର। ତେଣୁ ନିଜର ସୁବିଧା ଅନୁସାରେ ଏକ ଶାନ୍ତ ପରିବେଶରେ ପଢନ୍ତୁ। ପାଠ ପଢିବା ସ୍ଥାନରେ କୌଣସି ଡିସ୍‌ଟ୍ରାକ୍‌ଶନ୍ କଲାଭଳି ଜିନିଷ ରଖନ୍ତୁ ନାହିଁ। ଅର୍ଥାତ୍ ଟିଭି କିମ୍ବା ଫୋନ୍ ପାଖରେ ରଖି ପଢନ୍ତୁ ନାହିଁ।

## ନିୟମିତ ଅଭ୍ୟାସ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଁ ଅଭ୍ୟାସ ନିହାତି ଦରକାର। ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଠିକ୍ ଢଙ୍ଗରେ ଅଭ୍ୟାସ ଜାରି ରଖିବାକୁ ହେବ। ଏ କ୍ଷେତ୍ରରେ ବିଭିନ୍ନ ଦିଗରୁ ଅଭ୍ୟାସ କରିବାକୁ ହେବ। ସବୁ ବିଷୟରେ ପାଠ ବୁଝି ସାରିବା ପରେ ବି ନିଜକୁ ନିଜେ ପ୍ରଶ୍ନ କରନ୍ତୁ। କେତେ ସମୟ ମଧ୍ୟରେ କେତେ ଉତ୍ତର ଦେଇ ପାରୁଛନ୍ତି ତାହା ପରୀକ୍ଷା କରନ୍ତୁ। ତୁରନ୍ତ ଉତ୍ତର ଦେଇ ପାରୁଛନ୍ତି ଅବା ବିଳମ୍ବରେ ତାହା ପରୀକ୍ଷା କରନ୍ତୁ। ଭୁଲ୍ କଣ ହେଉଛି ତାର ତର୍ଜମା କରନ୍ତୁ। ଏହିଭଳି ବାରମ୍ବାର ଅଭ୍ୟାସ କଲେ ନିଜର ଭୁଲ୍‌କୁ ସୁଧାରି ହେବ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

## ସ୍ୱାସ୍ଥ୍ୟ ସଚେତନ

ଉତ୍ତମ ସ୍ୱାସ୍ଥ୍ୟ ବିନା ପାଠ ପଢିବାର କୌଣସି ଲାଭ ନ ଥାଏ। ତେଣୁ ପାଠ ପଢ଼ା ଅଭ୍ୟାସ ସହିତ ସ୍ୱାସ୍ଥ୍ୟ ସଚେତନ ରହିବା ଦରକାର। ଏଥିପାଇଁ ହେଲ୍‌ଦି ଡାଏଟ୍ ନିଅନ୍ତୁ। ଆଉଟଡୋର୍ ଗେମ୍ କିମ୍ବା ଏକ୍ସରସାଇଜ୍ କରନ୍ତୁ। ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଯେପରି ଭଲ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଅର୍ଥାତ୍ ମନରେ କୌଣସି ବୋଝ ରଖନ୍ତୁ ନାହିଁ। ନିଜକୁ ରିଲାକ୍ସ କରିବା ପାଇଁ କିଛି ସମୟ ପାଇଁ ମ୍ୟୁଜିକ୍ ଶୁଣିବା, ମେଡିଟେଶନ୍ କରିବା କିମ୍ବା ପାଠ ମଝିରୁ ବ୍ରେକ୍ ନେଇ ବାହାରକୁ ବୁଲିବାକୁ ଯିବା ଏସବୁ କାମ କରନ୍ତୁ। ନିଜର ସୁବିଧା ଅନୁସାରେ ଏସବୁ ପ୍ରତି ସଚେତନ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ।



## ପ୍ରଥମରୁ ଡର ଲାଗୁଥିଲା



ଗତବର୍ଷ ରାଜ୍ୟସ୍ତରୀୟ ଏକ ବିଜ୍ଞାନ ମେଳାରେ ଭାଗ ନେଇଥିଲି। ସେଠାରେ ନିଜ ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲି ଓ କୁଇଜ୍ କମ୍ପିଟିଶନ୍‌ରେ ଭାଗ ନେଇଥିଲି। ପ୍ରଥମରୁ ତ ଏଠାକୁ ଯିବାକୁ ଇଚ୍ଛା ହେଉ ନ ଥିଲା। କ'ଣ ସବୁ ପ୍ରଶ୍ନ ଆସିବ ଭାବି ଡର ଲାଗୁଥିଲା। ହେଲେ ମାମା କହିଥିଲା ଏଇ ପରୀକ୍ଷାରେ ଯାହା ବି ନମ୍ବର ରଖିଲେ ମନ ଦୁଃଖ କରିବାର ନାହିଁ। ତା'ପରେ ଏଥିରେ ଭାଗ ନେଇଥିଲି ଆଉ କୁଇଜ୍‌ରେ ତୃତୀୟ ସ୍ଥାନ ମିଳିଥିଲା। ଘରକୁ ପ୍ରାଇଜ୍ ଆଣି ଆସିବା ବେଳକୁ ବହୁତ ଖୁସି ଲାଗିଥିଲା। ଏବେ ଯାହା ବି କମ୍ପିଟିଶନ୍ ହଉଛି ସବୁଥିରେ ଭାଗ ନେଉଛି।

**–ତ୍ରିପୁରବିଜୟୀ ମହାନ୍ତି,** କ୍ଲାସ–୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର

## ସବୁଥିରେ ଭାଗ ନେବି



କ୍ଲାସରେ ଭଲ ନମ୍ବର କେମିତି ଆସିବ ସେଇ ଚିନ୍ତା ସବୁବେଳେ କରେ। ହେଲେ ଡ୍ରଇଂ ଓ କୁଇଜ୍ କମ୍ପିଟିଶନ୍‌ରେ ଭାଗ ନେଉଛି। ବାବା ମତେ କହିବା ପରେ ତୃତୀୟ ଶ୍ରେଣୀରେ ଏକ ରାଜ୍ୟସ୍ତରୀୟ ଡ୍ରଇଂ କମ୍ପିଟିସନ୍‌ରେ ଭାଗ ନେଇଥିଲି। ସେଠି ଏତେ ପିଲାଙ୍କୁ ଦେଖି ପ୍ରଥମେ ଭୟ ଲାଗିଥିଲା। କିନ୍ତୁ ସେଦିନ ପ୍ରାଇଜ୍ ପାଇ ଘରକୁ ଫେରିବା ପରେ ବହୁତ ଭଲ ଲାଗିଲା। ସେଇ ଦିନଠାରୁ ଯେତେବେଳେ ବି ସୁଯୋଗ ମିଳିବ ଏମିତି ପରୀକ୍ଷାରେ ଭାଗ ନେବି ବୋଲି ଭାବିଛି।

**–ନର୍ମଦା ମହାନ୍ତି,** କ୍ଲାସ–୪, ସେଣ୍ଟ ଜାଭିୟର ହାଇସ୍କୁଲ, ସିଡିଏ, କଟକ




୧


୨


୩


୪


୫


୬


୭


୮


୯


୧
ନାୟଶା ବିଶ୍ୱାସ
କ୍ଲାସ-୧, ଡି.ପି.ଏସ୍ କଳିଙ୍ଗ, ଭୁବନେଶ୍ୱର


୨
ବେଦାର୍ଥ ଦାଶ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର


୩
ଆଦ୍ୟାଂଶୁ ବେହେରା
କ୍ଲାସ- ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୋଲଗଡ


୪
ପ୍ରିୟାଂଶୀ ଜେନା
କ୍ଲାସ-୫, ମୋନାଲିସା ଇଂଲିଶ ମିଡିୟମ ସ୍କୁଲ, ଖୋର୍ଦ୍ଧା


୫
ଜିସାନ୍ତ ପଟ୍ଟନାୟକ
କ୍ଲାସ-୨, ବିଜେଇଏମ୍-୧, ବିଜେବି ନଗର, ଭୁବନେଶ୍ୱର


୬
ରୋନୋଭ ଅଗରୱାଲ
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ


୭
ଆକାଂକ୍ଷା ପତି
କ୍ଲାସ- ୨, ଏନ୍‌କେ ପବ୍ଲିକ ସ୍କୁଲ, ବରମୁଣ୍ଡା, ଭୁବନେଶ୍ୱର


୮
ଖଗେଶ୍ୱର କ୍ଷୀତିଜ ଭଗତରାମ ମହାପାତ୍ର
କ୍ଲାସ- ୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋରାପୁଟ


୯
ଦେବହୂତି ବରଦାଲକ୍ଷ୍ମୀ ରାଉତ
କ୍ଲାସ- ୧, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡା



## ଜଗି ଚଳିବ

'ବାଣୀ'କୁ ତୁମର ଜଗିବଟି ପିଲେ
ଯେବେ କଥା ତୁମେ ହୋଇବ,
ବାଣୀଟି ମଧୁର ହୋଇଲେଟି ଜାଣ
ହୃଦୟକୁ ତୁମେ ଜିଣିବ।
'କାମ' କଲାବେଳେ ଜଗିକି କରିବ
ତରତର ମୋଟେ ନୋହିବ,
ସ୍ଥିର ଚିତ୍ତ ହୋଇ କାମ କଲେ ତୁମେ
ସଫଳତା ନିଶ୍ଚେ ପାଇବ।
ଖରାପ 'ଭାବନା' କରିବନି କେବେ
ଭଲ ଭାବନାଟି କରିବ,
ଭଲ ଭାବନାରେ ଆନନ୍ଦ ମିଳଇ
ମନ ପ୍ରାଣ ସୁସ୍ଥ ରହିବ।
'ଚରିତ୍ର'କୁ ତୁମ ଜଗିବଟି ସଦା
ଅବାଟରେ କେବେ ନ ଯିବ,
ଚରିତ୍ରଟି ଥରେ ଚାଲିଗଲେ ତୁମେ
ଆଉ ଫେରିକି ନ ପାଇବ।
'ବିବେକ' ଖଟେଇ କାମଟି କରିବ
ଅବିବେକୀ ମୋଟେ ନୋହିବ,
ବିବେକ ଖଟେଇ କଲେ ତୁମେ
ବିପଦେ କେବେ ନ ପଡ଼ିବ।

**– ଶ୍ରୀକାନ୍ତ କୁମାର ମହାଳିକ**
ଚରଦିଆ, ମତୋ, ଭଦ୍ରକ
ମୋ: ୮୬୫୮୪୩୯୭୦୨

## ରାକ୍ଷୀ

**ଆ**ସିଛି ଧାଇଁ ରାଖୀ ପୂନେଇଁ
ସୁନା ଭଉଣୀ ପାଇଁ
ଭାଇ ହାତରେ ବାନ୍ଧିବ ରାଖୀ
ଆତୁରେ ଅଛି ଚାହିଁ।
ହେଉପଛକେ ରେଶମୀ ଡୋର
ସେ ତ ଅମୂଲମୂଲ
ଭରି ରହିଛି ତହିଁ ବହୁତ
ଆଦର ଅନାବିଳ
ଠାକୁର ପାଶେ ଦୀପଟେ ଜାଳି
ମଙ୍ଗଳ ମନାସିବ
ହାତ ଯୋଡିକି ଅଳି କରିବ
ଅତୁଟ ରହୁ ଭାବ
ଘରଟି ବାଡି ବଗିଚା ହେଲେ
ଭାଇ ଭଉଣୀ ଫୁଲ
ସ୍ନେହ ମମତା ସୂତାରେ ଦୁହେଁ
ଗୁନ୍ଥା ଗୋଟିଏ ମାଳ

**– ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## ନିଧିଭାଇଠାରୁ ଶିଖ



**ଅ**ଜା ବେଗେ ବେଗେ ଯାଅ ଗାଧୋଇ
ବଡ଼ିଚୂରା ମାଛ ପଖାଳ ଖାଇ,
ବେଳ ହୋଇଲାଣି ଉଛୁର
ନଟି କୁଟା ଲଟା ସଫା କରୁଅଛ
କାମ ନାହିଁ କି ହେ ତୁମର।
ନାତୁଣୀ ରାଣୀ କାହୁଁ ବୁଝିବୁ ତୁ
ଏତେ କାହାଣୀ,
ଘର ଚାରିପାଖ ସଫା କରି ଦେବି
ଜମା ହେବ ନାହିଁ ପାଣି
ମଶା ଡାଆଁଶ ବଂଶ ନାଶ ଯିବ
ଉଷୁଦ ଛିଞ୍ଚିବି ଅଣି।
ତେବେ ସିନା ଯାଇ ଘୁଙ୍ଗୁଡି ମାରିବି
ନ କରିବେ ହଟ ହଟା
ନିଧି ବୁଢ଼ାଠାରୁ ଏକଥା ଶିଖିଛି
ଶୁଣୁ ମୋ ନାତୁଣୀଟା।

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର, ଏକାଘରିଆ,
ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ସବୁଠୁ ଅଧିକ ରେକର୍ଡ

**ଅ**ନ୍ୟମାନଙ୍କଠାରୁ କିଛି ଭିନ୍ନ କାମ କରିପାରିଲେ ତାହା ରେକର୍ଡ ପାଲଟିଯାଏ। ଏମିତି ବିଭିନ୍ନ ଢଙ୍ଗରେ କାମ କରି ଅନେକେ ଗିନିଜ୍ ରେକର୍ଡରେ ନିଜ ନାମ ସାମିଲ କରି ପାରିଛନ୍ତି। ହେଲେ ଜାଣିଛନ୍ତି ସବୁଠୁ ଅଧିକ ଥର ଗିନିଜ୍ ରେକର୍ଡ କରିପାରିଥିବାର ରେକର୍ଡ ବି ରହିଛି ଜଣଙ୍କ ନାମରେ। ଏହି ଭିନ୍ନ ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଚଣ୍ଡିଗଡ଼ର ଜାହ୍ନବୀ ଜିନ୍ଦଲ। ୧୭ ବର୍ଷୀୟା ଏହି ବାଳିକାଙ୍କ ନାମରେ ୫ଟି ଗିନିଜ୍ ରେକର୍ଡ ରହିଛି। ତେବେ ତାଙ୍କର ସମସ୍ତ ରେକର୍ଡ ସ୍କେଟିଂ କରିବାକୁ ନେଇ। ୩୬୦ ଇନ୍‌ଲାଇନ୍ ସ୍କେଟିଂରେ ସେ ବାରମ୍ବାର ନିଜ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ତେବେ ସେ କୌଣସି କୋଚ୍‌ଙ୍କ ଠାରୁ ତାଲିମ୍ ନେଇ ନାହାନ୍ତି। ବରଂ ନିଜ ବାପାଙ୍କ ଠାରୁ ଶିଖିବା ପରେ ସେ କେବଳ ବାରମ୍ବାର ଅଭ୍ୟାସ କରି ଏଭଳି ସଫଳତା ପାଇଛନ୍ତି।

## ଏଥରର

- କେଉଁ ଦେଶ ସର୍ବାଧିକ କଫି ଉତ୍ପାଦନ କରିଥାଏ ?
- କେଉଁ ଚଢେଇର ଅଣ୍ଡା ସବୁଠୁ ବଡ ?
- କେଉଁ ଚଢେଇ ପଛୁଆ ଉଡିପାରେ ?
- ଦହିରେ କେଉଁ ପ୍ରକାରର ଏସିଡ୍ ସୃଷ୍ଟି ହୋଇଥାଏ ?
- ମାନବ ଶରୀରରେ ଥିବା ହାର୍ଟରେ କେତୋଟି ଚାମ୍ବର ରହିଛି ?

## ଗତଥରର ଉତ୍ତର

- ଆମାଜନ୍ ରେନଫରେଷ୍ଟ
- ବୌଦ୍ଧଧର୍ମ
- ଶାନ୍ତି ଓ ଅହିଂସା
- ଆକବର
- ଚପ୍‌ଷ୍ଟିକ୍

## କହିଲ ଦେଖି



ଶ୍ରାବଣ ଶେଷରେ ଆସଇ ସେହି
ରେଶମ ଡୋରୀକୁ ସାଥିରେ ନେଇ
ସ୍ନେହ ମମତାର ପବିତ୍ର ଡୋରୀ
ଭାଇ ହାତେ ବାନ୍ଧେ ଗେହ୍ଲି ଭଉଣୀ
ଭାଇର ମଙ୍ଗଳ କାମନା ଆଶେ
ବନ୍ଦାପନା ନୀତି କରେ ହରଷେ
ମହାନ ପରବଟିଏ
ଭାଇ ଦେଇଥାଏ ଭଉଣୀକୁ ଭେଟି
କୁହ ତା'ର ନାମ କିଏ।

**ଉତ୍ତର– ରାଖୀ ପୂନେଇଁ**



ଭାଇ ଭଉଣୀଙ୍କ ସ୍ନେହ ମମତା
ଯୋଡିଥାଏ ସେହି ରେଶମ ଫିତା
ଶ୍ରାବଣ ପୂନେଇଁ ଶୁଭ ମୁହୂର୍ତ୍ତେ
ଭଉଣୀ ବାନ୍ଧଇ ଭାଇର ହାତେ
ଅପୂର୍ବ ତା'ରୂପ କାନ୍ତି
ଭାଇ ଭଉଣୀର ବନ୍ଧନକୁ ଯୋଡ଼େ
କୁହ ତା'ର ନାମ ଦେଖି।

**ଉତ୍ତର– ରାକ୍ଷୀ**



ଶ୍ରାବଣ ପୂନେଇଁ ଯେବେ ଆସଇ
ସଭିଏ ଦିଅନ୍ତି ତାକୁ ଗାଧୋଇ
ସନ୍ଧ୍ୟାକାଳେ ତା'ର ହୁଅଇ ପୂଜା
ପୁଷ୍ପ ଚନ୍ଦନରେ ହୁଏ ସେ ସଜା
ଧୂପ ଦୀପ ସହ ପୂଜାର ଅନ୍ତେ
ପିଠାପଣା ସିଏ ଖାଏ ଆନନ୍ଦେ
ମାତା ରୂପେ ପାଏ ମାନ
ସର୍ବ ଦେବଦେବୀ ତା'ଦେହେ ଥାଆନ୍ତି
କୁହ ସେ ପୂଜାର ନାମ।

**ଉତ୍ତର– ଗୋମାତା ପୂଜା**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

# ମହାକାଶ ଷ୍ଟେଶନରେ ମହାକାଶଚାରୀ



ଦିନେ ଇନ୍ଦୁପୁର ହାଇସ୍କୁଲର ଦଶମ ଶ୍ରେଣୀରେ ବିଜ୍ଞାନ ଶିକ୍ଷକ ସୁବାସ ସାର୍ ବିଜ୍ଞାନ ବିଷୟକୁ ଆଲୋଚନା ମାଧ୍ୟମରେ ପଢ଼ାଉ ଥାଆନ୍ତି। ସାର୍ ପଚାରିଲେ, ପିଲାଏ, ପୃଥିବୀଠାରୁ ମହାକାଶର ଦୂରତା କେତେ ? କୁନା କହିଲା, ସମୁଦ୍ର ପତନଠାରୁ ୧୦୦ କି.ମି. ଉଚ୍ଚତାରେ ମହାକାଶ ପୃଷ୍ଠ ରହିଛି । ତାକୁ ଇଂଲିଶରେ 'କର୍‌ମନ ରେଖା' କୁହାଯାଏ । ସାର୍ କହିଲେ, ଠିକ୍ କହିଛ। ମୋର ଦ୍ୱିତୀୟ ପ୍ରଶ୍ନ ହେଲା– ଭାରତର ପ୍ରଥମ ମହାକାଶଚାରୀଙ୍କ ନାମ କ'ଣ, ସେ କେବେ ମହାକାଶକୁ ଯାଇଥିଲେ ? ରିନା କହିଲା, ସାର୍, ସ୍କ୍ୱାଡ୍ରନ ଲିଡର୍ ରାକେଶ ଶର୍ମା ୧୯୮୪ ମସିହାରେ ଯାଇଥିଲେ । ସାର୍ କହିଲେ ଠିକ୍ ଅଛି। ତେବେ ସେ କେଉଁ ଯାନରେ ଯାଇଥିଲେ ଓ କେତେ ଦିନ ରହିଲେ ? କେହି ଉତ୍ତର ଦେଇ ପାରିଲେ ନାହିଁ । ସାର୍ କହିଲେ, ସେ ସୁୟଜ୍ – T –୧୧ ଯାନ ଯାହା ରୁଷ ଦେଶ ଓ ଆମର ଇସ୍ରୋ ସଂସ୍ଥାର ମିଳିତ ସହଯୋଗରେ ପ୍ରସ୍ତୁତ ହୋଇଥିଲା। ରାକେଶ ଶର୍ମା ମହାକାଶ ଷ୍ଟେଶନରେ ୮ (ଆଠ) ଦିନ ବିତାଇ ଥିଲେ। ସେ ଷ୍ଟେଶନର ନାମ ଥିଲା ସଲ୍‌ୟୁତ –୭। ପିଲାଏ, ସେ ସେଠାରେ କ'ଣ ପରୀକ୍ଷା କରିଥିଲେ କିଏ କହିପାରିବ ? ପିଲାଏ କହିଲେ– ସାର, ଆପଣ କୁହନ୍ତୁ । ସାର୍ କହିଲେ– ସେ ୪୩ଟି ବିଷୟରେ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ଜୈବ ଔଷଧ, ଭାରତର ରିମୋଟ ସେନ୍‌ସିଂ, ମହାକାଶରେ ଯୋଗ ଅଭ୍ୟାସର ପ୍ରଭାବ ଆଦି। ତେବେ ବର୍ତ୍ତମାନ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ଆମର ଆଉ ଜଣେ ମହାକାଶଚାରୀ କିଛି ଦିନ ପୂର୍ବେ ମହାକାଶକୁ ଯାଇ ନିରାପଦରେ ଫେରିଛନ୍ତି। ସଙ୍ଗେ ସଙ୍ଗେ ରାଜୁ କହିଲା, ଶୁଭାଂଶୁ ଶୁକ୍ଲା ସାର୍ । ମିତା ପଚାରିଲା – ସାର, ସେ କେବେ ଓ କେଉଁ ମହାକାଶ ଯାନରେ ମହାକାଶକୁ ଗଲେ ? ସାର୍ କହିଲେ, ସେ ଚଳିତ ବର୍ଷ ଜୁନ୍ ୨୫ ତାରିଖ ମଧ୍ୟାହ୍ନ ୧୨.୦୧ସମୟରେ ଆଉ ୩ ଜଣଙ୍କ ସହିତ ଏକ୍ସାଇମ୍ ମିସନ୍ (Ax –୪) ସଂସ୍ଥା ଜରିଆରେ ଯାଇଥିଲେ। ଶୁଭାଂଶୁଙ୍କ ସହିତ ସ୍ଲାୱେସ୍‌ଜ ୟୁଜ୍‌ନସ୍କି (ପୋଲାଣ୍ଡ) ଟିୱର କାପୁ (ହଙ୍ଗେରୀ) ଯାଇ ପେଗି ହ୍ୱିଟସନ୍ (ଯୁକ୍ତରାଷ୍ଟ୍ର)ସେମାନେ ଜୁନ୍ ୨୬ ଅପରାହ୍ନ ୪.୧୬ମିନିଟ୍‌ରେ ମହାକାଶରେ ପହଞ୍ଚିଥିଲେ। ମହାକାଶଚାରୀମାନେ ଯେଉଁ ଯାନରେ ଗଲେ ତା'ର ନାମ ଥିଲା ସ୍ପେସ୍–X ବା ଫାଲ୍‌କନ୍ –୯ ରକେଟ୍ । ତା'ର ଉଚ୍ଚତା ୭୦ମି, ବ୍ୟାସ ୩.୬୬ମି । ତାହା ୨ ସ୍ତରବିଶିଷ୍ଟ ରକେଟ୍ ଥିଲା। ପ୍ରଥମ ସ୍ତରଟି ନିର୍ଦ୍ଦିଷ୍ଟ ଉଚ୍ଚତାକୁ ଯାଇ ପୃଥିବୀକୁ ଫେରିଆସେ । ଦ୍ୱିତୀୟ ସ୍ତରଟି ମହାକାଶ ଯାନ ସ୍ପେସ୍ ଡ୍ରାଗନକୁ ନେଇ ପୃଥିବୀର ଏକ ନିର୍ଦ୍ଦିଷ୍ଟ କକ୍ଷରେ ଅବସ୍ଥାପିତ କରାଇ ତା'କୁ ଘୂରାଏ ।




କୁନା ପଚାରିଲା,ସାର, ଡ୍ରାଗନ ସ୍ପେସ୍ କ୍ରାଫ୍ଟଟି କେତେ ସମୟରେ ଥରେ ଘୂରେ ଓ ମୋଟ କେତେଥର ଘୂରିଥିଲା ? ସାର୍ କହିଲେ, ଭଲ ପ୍ରଶ୍ନଟିଏ ପଚାରିଲ । ତାହା ୯୦ ମିନିଟ୍‌କୁ ଥରେ ପୃଥିବୀ ଚାରିପଟେ ଘୂରିଥିଲା । ସେମାନେ ମୋଟରେ ୧୮ ଦିନ ମହାକାଶରେ ରହିଥିଲେ । ମିତା ପଚାରିଲା, ମହାକାଶ ଯାନର ବେଗ କେତେ ? ସାର୍ କହିଲେ, ଯିବାରେ ପ୍ରତି ସେକଣ୍ଡରେ ୭.୯କି.ମି ଓ ଫେରିବାରେ ୧୨.୫ କି.ମି । ପିଲାଏ ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ – ତାଙ୍କର ମୂତ୍ର, ଝାଳ ଓ ଜଳୀୟ ବାଷ୍ପରୁ ପୁନଃ ଚକ୍ରଣ (ଯାନ୍ତ୍ରିକ) ପଦ୍ଧତିରେ ପିଇବା ପାଣି ପ୍ରସ୍ତୁତ କରାଯାଉଥିଲା । ତାଙ୍କର ମହାକାଶ ଷ୍ଟେଶନରେ ଶୋଇବା ପାଇଁ ସ୍ୱତନ୍ତ୍ରକୋଠରି ଓ ଶେଯ ଥିଲା । ରାତ୍ର ୯ ଘଟିକାରୁ ଭୋର୍ ୫ଟା ପର୍ଯ୍ୟନ୍ତ ଶୋଉଥିଲେ । ସେ ଗୋଟିଏ ପାଇପ୍ ସାହାଯ୍ୟରେ କେବଳ ଟୋପା ଟୋପା ପାଣି ପକାଇ ଦେହ, ଗୋଡ଼, ହାତ ସଫା କରୁଥିଲେ । ମୁଣ୍ଡର କେଶକୁ ସପ୍ତାହକୁ ଥରେ ଅଳ୍ପ ପାଣି ଛିଞ୍ଚି ସଫା କରୁଥିଲେ ।




ରିନା ପଚାରିଲା,ସାର୍! ଶୁଭାଂଶୁ ଓ ତାଙ୍କ ଦଳ କିଭଳି ତଳକୁ ଓହ୍ଲାଇଲେ, ପୁଣି ସ୍ଥଳଭାଗରେ ନ ଓହ୍ଲାଇ ଜଳଭାଗରେ କାହିଁକି ଓହ୍ଲାଇଲେ ? ସାର୍ କହିଲେ, ସେ ଚାରିଜଣ ପୁଣି ସ୍ପେସ୍–X (ଡ୍ରାଗନ ଗ୍ରେସ୍) ମହାକାଶ ଯାନରେ ୨୨.୫ ଘଣ୍ଟା ଯାତ୍ରା କରିବା ପରେ କାଲିଫର୍ନିଆ କୂଳରେ ଥିବା ପ୍ରଶାନ୍ତ ମହାସାଗର ବକ୍ଷରେ ପାରାସ୍ୟୁଟ୍ ସାହାଯ୍ୟରେ ଆସି ଅବତରଣ କଲେ । ସେ ଦିନ ଥିଲା ଜୁଲାଇ ୧୫ ତାରିଖ ଅପରାହ୍ନ ୩.୦୨ । ପିଲାଏ ଶୁଣ, ସ୍ଥଳ ଭାଗରେ ମହାକାଶଯାନ ଅବତରଣ କରିବା ବିପଜ୍ଜନକ କାରଣ ଜନବସତି ଶୂନ୍ୟ ସମତଳ ଅଞ୍ଚଳ ମିଳିବା କଷ୍ଟକର ତେଣୁ ସବୁ ସମୟରେ ମହାକାଶଯାନକୁ ଜଳଭାଗରେ ହିଁ ଅବତରଣ କରିବାକୁ ପଡ଼ିଥାଏ । ଏତିକି ବେଳେ ପିରିୟଡ୍ ଘଣ୍ଟା ବାଜିଲା । ପରବର୍ତ୍ତୀ କ୍ଲାସ୍‌ରେ ଏହା ବିଷୟରେ ଆଉ କିଛି ଆଲୋଚନା କରିବା କହି ସାର୍ ଫେରିଆସିଲେ ।

**–ବିନୋଦ ଚନ୍ଦ୍ର ଜେନା,** ପାରଳାଖେମୁଣ୍ଡି,ଗଜପତି
ମୋ: ୭୭୩୫୨୨୨୭୧୩

# ନେପାଳର ପରିଚୟ ପତ୍ର




ନେପାଳ ଭାରତର ପଡ଼ୋଶୀ ଦେଶ। ଆମ ଦେଶରେ ଲୋକମାନଙ୍କର ପରିଚୟର ଅନ୍ୟତମ ପ୍ରମାଣ ଭାବରେ ଏବେ ଆଧାର କାର୍ଡ ବ୍ୟବହୃତ ହେଲାଣି। ଠିକ୍ ସେହିପରି ନେପାଳରେ କେଉଁ ପରିଚୟ ପତ୍ରକୁ ମୁଖ୍ୟତଃ ଗ୍ରହଣ କରାଯାଏ ସେ ବିଷୟରେ ଆସ ଜାଣିବା। ଏହି ଦେଶର ଲୋକଙ୍କ ଲାଗି ଏକ ପରିଚୟ ପତ୍ର ରହିଛି ଯାହାକୁ 'ଏନଆଇଡି' କୁହାଯାଏ। ଯାହା ନେପାଳ ସରକାରଙ୍କ ଦ୍ୱାରା ବାୟୋମେଟ୍ରିକ୍ ଆଧାରିତ ସ୍ମାର୍ଟ କାର୍ଡ। ଏଥିରେ ବ୍ୟକ୍ତିର ବ୍ୟକ୍ତିଗତ ଜନସଂଖ୍ୟା ସୂଚନା ସହିତ ଟିପ ଚିହ୍ନ , ଆଇରିସ୍ ସ୍କାନ୍, ମୁହଁ ସ୍କାନ୍ ଏହି ବାୟୋମେଟ୍ରିକ୍ ସ୍କାନ୍‌ରେ ସାମିଲ ହୋଇଛି। ଏନ୍‌ଆଇଡି ଏପରି ଏକ ସ୍ମାର୍ଟ କାର୍ଡ, ଯାହାର ସତ୍ୟାସତ୍ୟ ପ୍ରମାଣ କରିବା ଲାଗି ସେଥିରେ ଏକ ମାଇକ୍ରୋଚିପ୍ ସଂଯୋଗ କରାଯାଇଛି। ଏହା ନେପାଳର ବିଭିନ୍ନ ସେବା ଯେମିତିକି ସରକାରୀ, ବେସରକାରୀ, ବ୍ୟାଙ୍କ ଖାତା ଖୋଲିବା, ଜମି କିଣାବିକା ଆଦି ପାଇଁ ବ୍ୟବହାର କରାଯାଇଥାଏ।

# ପତାକାରେ ମନ୍ଦିର ଚିତ୍ର



ପୃଥିବୀରେ କେତେକ ଦେଶକୁ ତା'ର ଜାତୀୟ ପତାକା (ନ୍ୟାଶନାଲ ଫ୍ଲାଗ) ଦ୍ୱାରା ଜଣାଯାଇଥାଏ। କିନ୍ତୁ ବିଶ୍ୱରେ ଏପରି ଏକ ଦେଶ ରହିଛି ଯାହାର ପତାକାରେ ଏକ ମନ୍ଦିର ସଦୃଶ ଚିତ୍ର ରହିଛି । ସେହି ଦେଶଟି ହେଉଛି କାମ୍ବୋଡିଆ, ଯାହା ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥିତ। ଉକ୍ତ ଦେଶଟି ନିଜର ସମୃଦ୍ଧ ଇତିହାସ, ପ୍ରାଚୀନ ମନ୍ଦିର ଏବଂ ପ୍ରାକୃତିକ ସୁନ୍ଦରତା ଲାଗି ବେଶ୍ ପରିଚିତ। କିଛି ବର୍ଷ ମଧ୍ୟରେ ଏହି ଦେଶର ଜାତୀୟ ପତାକା କେତେଥର ବଦଳି ସାରିଲାଣି, କିନ୍ତୁ ତା' ଉପରେ ଥିବା ମନ୍ଦିରର ରେଖା ଚିତ୍ର ଏପର୍ଯ୍ୟନ୍ତ ରହିଛି। ଏହି ପତାକାରେ କେବଳ ତିନୋଟି ମିନାରକୁ ଦର୍ଶାଯାଇଛି। କାମ୍ବୋଡିଆର ମାତୃଭାଷା ହେଲା ଖମେର । ଉକ୍ତ ଦେଶର ଅଧିକାଂଶ ଲୋକ ବୌଦ୍ଧ ଧର୍ମାବଲମ୍ବୀ। ସେଠାକାର ଲୋକଙ୍କର ମୁଖ୍ୟ ଆୟ ପନ୍ଥା ହେଉଛି କୃଷି। ଏଠାରେ କେତେକ ଲୋକ ପୋଷାକପତ୍ର ତିଆରିକୁ ଜୀବିକା ଭାବରେ ଗ୍ରହଣ କରିଛନ୍ତି। ଏହି ଦେଶକୁ ବର୍ଷତମାମ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ। ଏଥିରୁ ଦେଶର ରାଜକୋଷକୁ ପାଖାପାଖି ୪୦ ପ୍ରତିଶତ ଅର୍ଥ ଆସିଥାଏ।

# ଆଇନା




**ପ୍ରିୟାଂଶୁ ରଞ୍ଜନ ପଣ୍ଡା**
୬ ବର୍ଷ/କଟକ



**ବ୍ରିଶଙ୍କ ବେହେରା**
୪ ବର୍ଷ/ଭଦ୍ରକ